

ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ





ଶହୀଦ ନଗର



ନୟାପଲ୍ଲୀ

# ଆଜି ମହାଷଷ୍ଠୀ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିଲାଣି ପୂଜା ମଣ୍ଡପ। ପ୍ରତୀକ୍ଷାର ଅନ୍ତ ଘଟାଇ ଧରାପୃଷ୍ଠରେ ଅବତରଣ କରିବେ ମା' ଜଗଜ୍ଜନନୀ। ପାର୍ବଣ ମହକରେ ପୁରପଲ୍ଲୀ ମହକୁଥିବାବେଳେ ପୂଜାମଣ୍ଡପଗୁଡିକ ମା'ଙ୍କ ଆରାଧନା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିସାରିଲେଣି। ଶୁକ୍ରବାରଠାରୁ ମଣ୍ଡପରେ ଆରମ୍ଭ ହେଉଛି ମା'ଙ୍କ ମହାଷଷ୍ଠୀ ପୂଜା। ମହାଷଷ୍ଠୀ ଅବସରରେ ମା'ଙ୍କ ବେଲ୍ଲବରଣ କରାଯିବା ପରେ ସପ୍ତମୀଠାରୁ ମା'ଙ୍କ ଦର୍ଶନ ଆରମ୍ଭ ହେବ। ଷଷ୍ଠୀପୂଜାରେ ମା'ଙ୍କ ବିଲ୍ୱାଧିବାସ ଅନୁଷ୍ଠିତ ହେବାପରେ ବିଭିନ୍ନ ନୀତିକାନ୍ତି ଅନୁଯାୟୀ ଷଷ୍ଠ୍ୟାଦି କର୍ମ ସମ୍ପନ୍ନ ହେବ। ଅଧିକାଂଶ ମଣ୍ଡପରେ ଶୁକ୍ରବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରମୁଖ ମଣ୍ଡପଗୁଡ଼ିକରେ ଟ୍ରାଫିକ ପରିଚାଳନା ଓ ଭିଡ଼ ଏଡାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାରଦୀୟ ପୂଜା ପାଇଁ କଟକ ସହରର ମେଢ଼ ଓ ମୂର୍ତ୍ତି ପ୍ରସିଦ୍ଧି ଲାଭ କରିଥିବାବେଳେ ଆକର୍ଷଣୀୟ ତୋରଣ ପାଇଁ ବାଜି ମାରିଥାଏ ଭୁବନେଶ୍ୱର। ତୋରଣକୁ ସର୍ବୋତ୍କୃଷ୍ଟ କରିବା ପାଇଁ ଗତ କିଛି ବର୍ଷ ହେବ ରାଜଧାନୀର ପୂଜାମଣ୍ଡପଗୁଡିକ ମଧ୍ୟରେ ଜୋରଦାର ପ୍ରତିଯୋଗିତା ହେଉଛି। ଚଳିତ ଥର ମଧ୍ୟ ସମାନ ପରମ୍ପରା ବଜାୟ ରହିଥିବାବେଳେ ଆକାଶଚୁମ୍ବୀ ତୋରଣକୁ ନେଇ ଫୁଲେଇ ହେଉଛି ରାଜଧାନୀ। ଡିଜ୍‌ନି ଲ୍ୟାଣ୍ଡ, ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର, ଲକ୍ଷ୍ନୌ ରାଜପ୍ରାସାଦ, ଗୁଜରାଟ ପ୍ରସିଦ୍ଧ ପଦ୍ମାବତ୍ ପ୍ୟାଲେସ୍ ଭଳି ତୋରଣ ଏଥର ଶାରଦୀୟ ପୂଜାର ଆକର୍ଷଣ ସାଜିଛି। ଏଲଇଡି ଓ ଡିଜିଟାଲ ଲାଇଟ୍‌ରେ ଝଲସୁଛି ରାଜଧାନୀ। ନୟାପଲ୍ଲୀ, ଶହୀଦନଗର, ଖାରପଡ଼ା, ଷ୍ଟେସନ ବଜାର, ବମିଖାଲ, ରସୁଲଗଡ଼, ୟୁନିଟ-୪, ୟୁନିଟ-୮, ୟୁନିଟ୍-୧ ଭଳି ପ୍ରମୁଖ ପୂଜାମଣ୍ଡପ ଉପରେ ସମସ୍ତଙ୍କ ନଜର ରହିଛି। ରସୁଲଗଡ଼ ପୂଜା ମଣ୍ଡପ ଏଥର 'ଇନ୍ଦ୍ରପୁରୀ'ର ଭ୍ରମ ସୃଷ୍ଟି କରୁଥିବାବେଳେ ଧଳା ଓ ଗୋଲାପ ରଙ୍ଗର ଲ।ଇ ଟ୍ ଏହି ମଣ୍ଡପର ତୋରଣକୁ ଦୂରରୁ ଚମକାଉଛି। ନୟାପଲ୍ଲୀରେ ଏଥର ପଦ୍ମାବତ୍ ପ୍ୟାଲେସ୍ ସଦୃଶ ତୋରଣ ନିର୍ମାଣ ହୋଇଥିବା ବେଳେ ଶହୀଦ୍‌ନଗରରେ ଦେଖିବାକୁ ମିଳୁଛି ଲକ୍ଷ୍ନୌର ବିଖ୍ୟାତ ରାଜପ୍ରାସାଦ ପ୍ରତିକୃତି ତୋରଣ। ସେହିଭଳି ଖାରପଡ଼ାରେ 'ଡିଜ୍‌ନୀ ଲ୍ୟାଣ୍ଡ' ତୋରଣ ପିଲାଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବାବେଳେ ବରମୁଣ୍ଡାରେ ନିର୍ମିତ ହୋଇଛି ଗୁଜରାଟ ଗାନ୍ଧୀନଗରରେ ଥିବା ପ୍ରସିଦ୍ଧ ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ଆକୃତିର ତୋରଣ। ଏହାବ୍ୟତୀତ ଷ୍ଟେସନ ବଜାର, ଭିଏସ୍ଏସ୍ ନଗର, ବମିଖାଲ ଭଳି ପୂଜା ମଣ୍ଡପର ମଧ୍ୟ ଏଥର ଆକର୍ଷଣ ରହିଛି।

## ଝଲସୁଛି ମଣ୍ଡପ



ବରମୁଣ୍ଡା



ଖାରପଡ଼ା

## ଓଡିଏମ୍‌କୁ ଭାରତର ଶ୍ରେଷ୍ଠ ପଞ୍ଚମ ସ୍କୁଲ ମାନ୍ୟତା



ଓଡିଏମ୍ ପବ୍ଲିକ୍ ସ୍କୁଲକୁ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ପଞ୍ଚମ ସ୍କୁଲ ମାନ୍ୟତା ଦିଆଯିବା ଅବସରରେ ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ।

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରାୟୋଗିକ ସଫଳତା ଏବଂ ଗ୍ରାଣ୍ଡ ଜୁରି ର୍‍ୟାଙ୍କିଂରେ ୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ପଞ୍ଚମ ସ୍କୁଲର ମାନ୍ୟତା ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ 'ଏଜୁକେଶନ୍ ୱାର୍ଲ୍ଡ' ତରଫରୁ ଅଭିଜ୍ଞ ବିଶେଷଜ୍ଞ ମଣ୍ଡଳୀଙ୍କ ଦ୍ୱାରା ବିଭିନ୍ନ ମାନଦଣ୍ଡରେ ମୂଲ୍ୟାୟନ କରାଯାଇ ଓଡିଏମ୍‌କୁ ଏଥିପାଇଁ ମନୋନୀତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ଶନିବାର ଗୁରୁଗାଁଓସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶୁଭଲକ୍ଷ୍ମୀ



ସ୍ୱୟମ୍ଶ୍ରୀ



ସର୍ବଜିତ୍



ରଞ୍ଜନ



ରୋଜାଲିନ୍



ପ୍ରକାଶ



ଦୀପକ



ବିଶ୍ୱଜିତ୍

## ସ୍ୱଚ୍ଛ ଭାରତ ପ୍ରଦର୍ଶନୀରେ ସୁଦର୍ଶନଙ୍କ ବାଲୁକା କଳା



### ପ୍ରଧାନମନ୍ତ୍ରୀ ଦେଖି ପ୍ରଶଂସା କଲେ

ପୁରୀ ଅଫିସ, ୩।୧୦

ପବିତ୍ର ଗାନ୍ଧୀ ଜୟନ୍ତୀ ତଥା ସ୍ୱଚ୍ଛ ଭାରତ ଦିବସ ଅବସରରେ ବୁଧବାର ଗୁଜୁରାଟର ଅହମ୍ମଦାବାଦଠାରେ ସ୍ୱଚ୍ଛ ଭାରତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ସ୍ୱଚ୍ଛ ଭାରତ ଉପରେ ଆକର୍ଷଣୀୟ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏହି ବାଲୁକା କଳାରେ ସୁଦର୍ଶନ ଜାତିର ପିତା ମହାତ୍ମା ଗାନ୍ଧୀ, ପାଇଖାନା ଏବଂ ସୁଖୀ ପରିବାର ଦେଖାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରଦର୍ଶନୀ ବୁଲିବାବେଳେ ସୁଦର୍ଶନଙ୍କ ବାଲୁକା କଳା ଦେଖି ପ୍ରଶଂସା କରିଥିଲେ। ଏଥିସହ ଜାତିର ଜନକଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜାତୀୟ ସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା | ସ୍ୱର୍ଣ୍ଣ ଜିତିଲେ ଶ୍ରୁତି

କଟକ ଅଫିସ, ୩।୧୦

ଜାତୀୟ ସ୍ତରରେ ଗୌରବ ଆଣିଛନ୍ତି ଓଡ଼ିଆ ଛାତ୍ରୀ ଶ୍ରୁତି ପାତ୍ର। ଏନ୍‌ସିସି ଜାତୀୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଗୁରୁବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଶ୍ରୁତି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସିଡ଼ିଏ ଡିଏଭି ସ୍କୁଲର ୯ମ ଶ୍ରେଣୀ ଛାତ୍ରୀ। ଜୁନିୟର ବାଳିକା ବିଭାଗରେ ଓଡ଼ିଶା ଡିରେକ୍ଟୋରେଟ ଚାମ୍ପିୟନ ହୋଇଥିଲା। ଏଥିରେ ଶ୍ରୁତି ଚାମ୍ପିୟନ ଦଳର ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ବ୍ୟକ୍ତିଗତ ସ୍ତରରେ ଉତ୍ତମ ପ୍ରଦର୍ଶନ ଯୋଗୁ ସେ ଏନ୍‌ସିସି ଜାତୀୟ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଜାତୀୟ ଓ ରାଜ୍ୟସ୍ତରୀୟ କନିଷ୍ଠ ବର୍ଗର ଏକମାତ୍ର ପ୍ରତିଯୋଗୀ ଭାବେ 'କମାଣ୍ଡେଶନ କାର୍ଡ' ବ୍ୟାଜ୍‌ରେ ସମ୍ମାନିତ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ଶ୍ରୁତି ଓ ତାଙ୍କ ଅଭିଭାବକଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାନ୍ତି ଅଭିନନ୍ଦନ ଜଣାଇଥିଲେ।





